## ଗଞ୍ଜାମ ଓକିଲ ସଂଘ ନିର୍ବାଚନ: ଅନ୍ତିମ ଦିନ ସୁଦ୍ଧା ୧୩ ନାମାଙ୍କନ

ବ୍ରହ୍ମପୁର,୭।୩ (ସୁବାସ ଚନ୍ଦ୍ର ପାଢ଼ୀ) ଗଞ୍ଜାମ ଓକିଲ ସଂଘର ଚଳିତ ବର୍ଷର ନିର୍ବାଚନ ପାଇଁ ନାମାଙ୍କନ ଦାଖଲର ଶୁକ୍ରବାର ଅନ୍ତିମ ଦିନ ଥିଲା। ସଭାପତି ପାଇଁ ମନୋଜ ପଟ୍ଟନାୟକ, ଉପ ସଭାପତି ପାଇଁ ଅନିଲ କୁମାର ପଣ୍ଡା, ସମ୍ପାଦକ ପାଇଁ ୱାଇ . ଶ୍ରୀରାମୁଲୁ ପାତ୍ର, ଟି. ଭେଙ୍କଟ ରାଓ ଓ ଯୁଗ୍ମ ସମ୍ପାଦକ ପାଇଁ ରଞ୍ଜନ କୁମାର ସାମନ୍ତରାୟ ଓ ଜେ. ଶ୍ରୀନିବାସ ନିଜ ନିଜ ସମର୍ଥକଙ୍କ ଗହଣରେ ଯାଇ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପୂର୍ବରୁ ଗୁରୁବାର ଯୁଗ୍ମ ସମ୍ପାଦକ ପାଇଁ ଅସିତ କୁମାର ସାବତ ନିଜର ନାମାଙ୍କନ ଦାଖଲ କରିଥିଲେ। ସେହିପରି ବୁଧବାର ସଭାପତି ପଦ ପାଇଁ କପିଳେଶ୍ୱର ପଟ୍ଟନାୟକ, ଶିତାଂଶୁ ପଣ୍ଡା , ସମ୍ପାଦକ ପଦ ପାଇଁ ଜଗନ୍ନାଥ ମିଶ୍ର ଓ ଶ୍ୟାମସୁନ୍ଦର ସାହୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ଉପ ସଭାପତି ପଦ ପାଇଁ ତ୍ରିମୁଲ କୁମାର ରେଡ୍ଡୀ ଓ ସତ୍ୟନାରାୟଣ ବଶନ୍ତିଆ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ପ୍ରଥମ ଦିନରେ ୬ , ଦ୍ୱିତୀୟ ଦିନ ଜଣେ ଓ ତୃତୀୟ ଦିନ ୬ ଜଣ ଏଭଳି ମୋଟ ୧୩ ନାମାଙ୍କନ ପଡିଛି ବୋଲି ନିର୍ବାଚନ ଅଧିକାରୀ ମୋହନ ଶିଙ୍ଗାରି କହିଛନ୍ତି। ଶନିବାର ତାଲିକା ପ୍ରକାଶ ପାଇବ। ୧୨ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ୧୩ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଏବଂ ୨୯ରେ ଭୋଟ ହେବ ବୋଲି ଜଣାପଡିଛି।

## ପ୍ରତି ମାସରେ ସ୍କୁଲ ପରିଚାଳନା କମିଟି ବୈଠକ କରିବାକୁ ପରାମର୍ଶ

ବ୍ରହ୍ମପୁର,୭।୩(ସୁବାସ ଚନ୍ଦ୍ର ପାଢ଼ୀ): ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ସ୍କୁଲରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ନିଶ୍ଚିତ କରିବା ଉଚିତ। ପ୍ରଧାନଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷକ ଏଥିପ୍ରତି ଦୃଷ୍ଟିଦେବା ଦରକାର। ନିର୍ଦ୍ଧାରିତ ସମୟର ଆଧା ଘଣ୍ଟା ପୂର୍ବରୁ ସ୍କୁଲ ଖୋଲିବା, ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା, ସ୍କୁଲରେ ଅଗ୍ନି ନିର୍ବାପକ ଯନ୍ତ୍ର, ବିଦ୍ୟୁତ ପରିଚାଳନା, ଛାତ୍ରଙ୍କ ଗତିବିଧି ଲକ୍ଷ୍ୟ କରିବା, ଏହି ସବୁ ତାଲିକା ଉପଯୁକ୍ତ ସ୍ଥାନରେ ଲଟକାଇବାକୁ ପରାମର୍ଶ ଦିଆଯାଇଛି। ପ୍ରତିମାସରେ ସ୍କୁଲ ପରିଚାଳନା କମିଟି ବୈଠକ ଓ ମଧ୍ୟାହ୍ନଭୋଜନ ବୈଠକ ସହ ଅଭିଭାବକ ବୈଠକ କରିବାକୁ ବ୍ଲକ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା ପରାମର୍ଶ ଦେଇଛନ୍ତି। ଏନେଇ ଏକ ଚିଠି ସମସ୍ତ ସ୍କୁଲକୁ ପ୍ରେରଣ କରାଯାଇଛି ବୋଲି ସେ କହିଛନ୍ତି।

## ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

ବ୍ରହ୍ମପୁର,୭।୩ (ସ୍ମୃତି ରଞ୍ଜନ ମହାଲିକ) ନାଟକ ସମାରୋହ ସମିତି ପକ୍ଷରୁ ଚାଲିଥିବା ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଶୁକ୍ରବାର ୩ୟ ସନ୍ଧ୍ୟାରେ 'ବିଶ୍ୱାସର ଆତ୍ମଲିପି' ମଞ୍ଚସ୍ଥ ହୋଇଛି। ସନ୍ଦେହ ପୁରୁଷର ସହଜାତି ପ୍ରବୃତ୍ତି। ଏକ ଭୁଲ ବୁଝାମଣା ପାଇଁ କିଭଳି ଦୀର୍ଘ ଦିନର ବିଶ୍ୱାସ ଓ ଭଲ ପାଇବା ଭାଙ୍ଗିଯାଇଥାଏ ସେହି କଥାବସ୍ତୁକୁ ନେଇ ନାଟକଟି ହୋଇଥିଲା। ରାଉରକେଲା ସ୍ୱସ୍ତି ଝଙ୍କାର ନାଟ୍ୟ ସଂସ୍ଥା ପକ୍ଷରୁ ନାଟକକୁ ସୁଧାଂଶୁ ନାୟକ ରଚନା କରିଥିବା ବେଳେ ରାଜୀବ ପାଣି ନିର୍ଦ୍ଦେଶନା ଦେଇଛନ୍ତି। ଆୟୋଜିତ ସଭାରେ ସମିତିର ସଦସ୍ୟ ସୁନୀଲ ସ୍ୱାଇଁ ସଭାପତିତ୍ୱ କରିଥିଲେ। ସଂସ୍କୃତି ଗବେଷକ କୃଷ୍ଣ ଚନ୍ଦ୍ର ନିଶାଙ୍କ, ନାଟ୍ୟକାର ଡା ତିରୁପତି ସାହୁ, ରମେଶ ମହାରଣା ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ନାଟକ ସମାରୋହ ସମିତିର ସଂପାଦକ ରାଜ ଗୋପାଳ ପାଢି ନାଟକ ସଂପର୍କରେ ସୂଚନା ଦେଇଥିଲେ।

# ଉତ୍ତର ଘୁମୁସର ବନଖଣ୍ଡରେ ଜଙ୍ଗଲ ଜଳୁଛି

ଭଞ୍ଜନଗର,୭।୩(ବାବୁଲା ପ୍ରଧାନ) ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଛି। ଗତ ୩ ଦିନ ମଧ୍ୟରେ ୧୦ରୁ ଉର୍ଦ୍ଧ୍ୱ ଜାଗାରେ ନିଆଁ ଲାଗିଥିଲା। ଶୁକ୍ରବାର ଆଉ ୨୨ଟି ସ୍ଥାନରେ ନିଆଁ ଲାଗିଥିବା ସାଟେଲାଇଟ୍ ତଥ୍ୟରୁ ଜଣାପଡିଛି। ସେଥିମଧ୍ୟରୁ ମୁଜାଗଡ ରେଞ୍ଜ ରମ୍ଭାବାଲି, ବିଞ୍ଜିଗିରି, ମୁଜାଗଡ଼, ଦୁର୍ଗାପ୍ରସାଦ, ବିରିପଦର ଜଙ୍ଗଲ ସମେତ ୮ଟି ସ୍ଥାନ, ତାରସିଂ ରେଞ୍ଜର ବ୍ରାହ୍ମଣସାହି, ଗାୟଗଣ୍ଡା ସହ ଆଉ ୪ଟି ଜଙ୍ଗଲ, ଗାଲେରୀ ରେଞ୍ଜର ୪ଟି ଜଙ୍ଗଲ, ଜଗନ୍ନାଥପ୍ରସାଦ ରେଞ୍ଜର ୨ଟି ଏବଂ କେନ୍ଦ୍ରୀୟ ବନାଞ୍ଚଳର ଲାଠିପଡ଼ା ସମେତ ୪ଟି ଜଙ୍ଗଲରେ ନିଆଁ ଲାଗିଥିବା ଜଣାପଡିଛି। ଡିଏଫ୍‌ଓ, ଏସିଏଫ୍, ରେଞ୍ଜରମାନେ ବିଭାଗୀୟ କର୍ମଚାରୀ ଏବଂ ଭିଏସ୍‌ଏସ୍ କର୍ମକର୍ତ୍ତାଙ୍କୁ ଧରି ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି। ସନ୍ଧ୍ୟା ସୁଦ୍ଧା ମୁଜାଗଡ ରେଞ୍ଜ ପକ୍ଷରୁ ୩ଟି ସ୍ଥାନରେ ନିଆଁକୁ ଲିଭାଯାଇଛି।

ଅନ୍ୟପଟେ ଭଞ୍ଜନଗର ଅଞ୍ଚଳରେ ଶୁକ୍ରବାର ତାପମାତ୍ରା ୩୪ ଡିଗ୍ରୀ ରହିଥିବା ବେଳେ ଆଗକୁ ଆହୁରି ବଢ଼ିବା ସମ୍ଭାବନା ରହିଛି। ଏପଟେ ତାପମାତ୍ରା ବୃଦ୍ଧି, ସେପଟେ ଜଙ୍ଗଲରେ ଲାଗୁଥିବା ନିଆଁ ଯୋଗୁ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖିନ ହେବେ। ତେଣୁ ଏବେଠୁ ବନ ବିଭାଗ ପକ୍ଷରୁ ବିଭିନ୍ନ ନୂଆ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇପଡିଛି।




ଘୁମୁସର ଉତ୍ତର ବନଖଣ୍ଡ ରେ ଲାଗିଥିବା ନିଆଁ ର ସାଟେଲାଇଟ ଚିତ୍ର।

ଜଙ୍ଗଲ ନିଆଁ ରୋକିବା ପାଇଁ ବାରମ୍ବାର ସଚେତନ କରାଯାଉଥିଲେ ମଧ୍ୟ ଅସାମାଜିକ ଲୋକେ ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି। ଖରାବେଳେ ପବନ ବହୁଥିବା ଯୋଗୁ ନିଆଁ ନିମିଷକେ ବ୍ୟାପୀ ଯାଉଛି। ସୂଚନାଯୋଗ୍ୟ, ନିଆଁ ଲାଗିଲେ ପ୍ରଥମ ଦୁଇସ୍ତର ଜଙ୍ଗଲ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥାଏ। ନୂଆ କରି ଉଠୁଥିବା ଗଛକୁ ପ୍ରଥମସ୍ତର ଓ ଶାଖା, ପ୍ରଶାଖା ହେଲେ ଦ୍ୱିତୀୟ ସ୍ତର ଜଙ୍ଗଲ କୁହାଯାଇଥାଏ। ବଡ଼ଗଛକୁ ତୃତୀୟ ସ୍ତର କୁହାଯାଇଥାଏ। ନିଆଁ ଲାଗିଲେ ୩ୟ ସ୍ତର ଜଙ୍ଗଲ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇ ନ ଥାଏ। ଗୋଟିଏ ଜଙ୍ଗଲ ଯଦି ବାରମ୍ବାର ପୋଡ଼ିଥାଏ ସେଠାରେ ନୂଆ ଜଙ୍ଗଲ ସୃଷ୍ଟି ହେବା ସମ୍ଭାବନା ବହୁତ କମ। ଏଭଳି କେତେକ ଜଙ୍ଗଲରେ କେବଳ ତୃତୀୟସ୍ତର ଗଛ ଅଛି। ଜଙ୍ଗଲ ପୋଡିଲେ ପ୍ରଦ୍ୟୁଷଣ ବଢ଼ିବା ସହ ବନ୍ୟପ୍ରାଣୀ ମଧ୍ୟ ବିପଦରେ ପଡିଥାନ୍ତି। ଏ ନେଇ ମୁଜାଗଡ଼ ରେଞ୍ଜର ବିମ୍ବାଧର ସାହୁଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଆଯାଇଛି। ରେଞ୍ଜରେ ଲାଗିଥିବା ନିଆଁକୁ ପ୍ରାୟ ନିୟନ୍ତ୍ରଣ କରାଯାଇଛି । ଜଙ୍ଗଲରେ କେଉଁମାନେ ନିଆଁ ଲଗାଉଛନ୍ତି ତାହାର ତଦନ୍ତ ଚାଲିଛି। ଦୋଷୀଙ୍କୁ ଚିହ୍ନଟ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରେଞ୍ଜର ସାହୁ ସୂଚନା ଦେଇଛନ୍ତି।

## ଷଣ୍ଢଚୁଲିଆ, ଗଉଡୁଣୀ ଜଙ୍ଗଲରେ ନିଆଁ
### ଆୟତ୍ତ କଲେ ଅଗ୍ନିଶମ, ବନ କର୍ମଚାରୀ



ଗଉଡୁଣୀ ଜଙ୍ଗଲରେ ଜଳୁଥିବା ନିଆଁ ।

ଆସିକା,୭।୩(ସୁରେନ୍ଦ୍ର ନାଥ ସାହୁ):

ଦକ୍ଷିଣ ଘୁମୁସର ବନଖଣ୍ଡ ବୁଗୁଡା ବନାଞ୍ଚଳର ଆସିକା ବ୍ଲକ ଅନ୍ତର୍ଗତ ବଡଖୋଲି-ଭେଜିପୁଟ ଗ୍ରାମ ନିକଟରେ ଥିବା ଷଣ୍ଢଚୁଲିଆ ଜଙ୍ଗଲ ଓ ଆସିକା ବନାଞ୍ଚଳର ଆସିକା ବ୍ଲକ ଅନ୍ତର୍ଗତ ଅସୁରାଇପଲ୍ଲୀ ନିକଟସ୍ଥ ଗଉଡୁଣି ଜଙ୍ଗଲରେ ଶୁକ୍ରବାର ନିଆଁ ଲାଗିଥିଲା। ଏଥିରେ ବିଶେଷ କ୍ଷୟକ୍ଷତି ହୋଇ ନ ଥିଲେ ମଧ୍ୟ ଶୁଖିଲା ପତ୍ର ଜଳ ବିସ୍ତିର୍ଣ୍ଣ ଅଞ୍ଚଳ ପ୍ରଭାବିତ ହୋଇଛି। ବନବିଭାଗର ସଂରକ୍ଷିତ ଜଙ୍ଗଲ ତାଲିକାରେ ଥିବା ଷଣ୍ଢଚୁଲିଆ ଜଙ୍ଗଲରେ ୨ଦିନ ତଳୁ ନିଆଁ ଲାଗିଥିବା କୁହାଯାଉଛି । ବନ୍ୟପ୍ରାଣୀଙ୍କ ଲାଗି ଏହା ଅସହାୟ ପରିସ୍ଥିତି ସୃଷ୍ଟି କରିଥିଲା । ଖବରପାଇ ବୁଗୁଡା ବନ କର୍ମଚାରୀ ଗୁରୁବାର ରାତିରେ ନିଆଁ ଲିଭାଇବା ପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ । ଶୁକ୍ରବାର ଆସିକା ଅଗ୍ନିଶମ ଦଳର ସହାୟତାରେ ବୁଗୁଡା ବନାଞ୍ଚଳର ୩୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଆପ୍ରାଣ ଉଦ୍ୟମ କରି ମଧ୍ୟାହ୍ନରେ ନିଆଁକୁ ପ୍ରଶମିତ କରିଥିବା ବୁଗୁଡା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର ସୂଚନା ଦେଇଛନ୍ତି। ସେହିଭଳି ଶୁକ୍ରବାର ସକାଳେ ଗଉଡୁଣି ଜଙ୍ଗଲରେ ଲାଗିଥିବା ନିଆଁକୁ ବନକର୍ମଚାରୀ, ଆସିକା ଅଗ୍ନିଶମ ଦଳ ସହାୟତାରେ ଶୁକ୍ରବାର ସନ୍ଧ୍ୟାରେ ଲିଭାଯାଇଥିବା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା ଓ ବନପାଳ ଶରତ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି । ଅଗ୍ନିଶମ ଦଳ ପକ୍ଷରୁ ମୁଖ୍ୟ ଆଗ୍ନିକ ପ୍ରଶାନ୍ତ କୁମାର ମହାପାତ୍ର, ଅଶୋକ କୁମାର ବାରିକ ଓ ଅଗ୍ନିଶମ କର୍ମଚାରୀ ନିଆଁ ଲିଭାରେ ସାମିଲ ଥିଲେ । ତେବେ କେଉଁ ପରିସ୍ଥିତିରେ ନିଆଁ ଲାଗିଥିଲା ତାହା ସ୍ପଷ୍ଟ ହୋଇନାହିଁ।

## ନିଆଁ ଲିଭାଇବା ବେଳେ ଭାଲୁ ଆକ୍ରମଣ, ବନପାଳ ଗୁରୁତର

ଭଞ୍ଜନଗର,୭।୩(ବାବୁଲା ପ୍ରଧାନ):

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ତାରସିଂ ରେଞ୍ଜ ବ୍ରାହ୍ମଣ ସାହି ଜଙ୍ଗଲରେ ନିଆଁ ଲିଭାଉଥିବା ବେଳେ ଶୁକ୍ରବାର ଭାଲୁ ଆକ୍ରମଣରେ ବନପାଳ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ କଳାବଦନ ଦାସ। ତାଙ୍କୁ ପ୍ରଥମେ ଭଞ୍ଜନଗର ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି। ଖବର ପାଇ ଡିଏଫଓ ହିମାଂଶୁ ଶେଖର ମହାନ୍ତି, ରେଞ୍ଜର ବିମ୍ବାଧର ସାହୁ ପ୍ରମୁଖ ଆହତ ବନପାଳଙ୍କ ଚିକିତ୍ସା ବ୍ୟବସ୍ଥା କରୁଛନ୍ତି।

## ୧୨ରେ ବୁଢ଼ୀ ଠାକୁରାଣୀ ଯାତ୍ରା ଶୁଭଖୁଣ୍ଟି ସ୍ଥାପନ

ବ୍ରହ୍ମପୁର,୭।୩(ସ୍ମୃତି ରଞ୍ଜନ ମହାଲିକ): ମା ବୁଢ଼ୀ ଠାକୁରାଣୀ ଯାତ୍ରା ନିମନ୍ତେ ଆସନ୍ତା ୧୨ ତାରିଖରେ ଶୁଭଖୁଣ୍ଟି ସ୍ଥାପନ ହେବ। ଏ ନେଇ ଯାତ୍ରା ପରିଚାଳକ ଦୁର୍ଗା ପ୍ରସାଦ ଦେଶୀ ବେହେରା ସୂଚନା ଦେଇଛନ୍ତି। ପାରମ୍ପରିକ ସିଦ୍ଧାନ୍ତି ବାସୁଦେବ ଦେବ ଶାସ୍ତ୍ରୀ ଗୁରୁଙ୍କ ଦ୍ୱାରା ତାରିଖ ଘୋଷଣା କରାଯାଇଥିବା ସେ କହିଛନ୍ତି। ଏହି ଦିନ ରାତ୍ରି ୯ଟା ୩୦ରେ ଦେଶୀବେହେରା ସାହିଠାରେ ବୈଠକ ଅନୁଷ୍ଠିତ ହେବ। ବୈଠକରେ ମା'ଙ୍କ ଯାତ୍ରା ତାରିଖ ଓ ସମୟ ନିର୍ଘଣ୍ଟ ହେବ। ଏହାପରେ ଶୁଭଖୁଣ୍ଟି ମୁଖ୍ୟ ମନ୍ଦିରରେ ପୂଜାର୍ଚ୍ଚନା ହୋଇ ଆସିବା ପରେ ଦେଶୀ ବେହେରା ସାହିଠାରେ ସ୍ଥାପନ ହେବ ବୋଲି ସୂଚନା ମିଳିଛି।

## ବ୍ୟବସାୟ କ୍ଷେତ୍ରରେ ମହିଳାଙ୍କୁ ସଚେତନ କରିବାକୁ ପରାମର୍ଶ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳାମାନେ।

ବ୍ରହ୍ମପୁର,୭।୩(ଅଶୋକ କୁମାର ସାହୁ)

### ବିଏନ୍‌ଆଇ ପାଳିଲା ଅନ୍ତର୍ଜାତୀୟ ମହିଳା ଦିବସ

ସ୍ଥାନୀୟ ଗାୟତ୍ରୀ ହୋଟେଲଠାରେ ବିଏନଆଇ ବିଜିନେସ ନେଟୱାର୍କ ଇଣ୍ଟରନ୍ୟାସନାଲ(ବିଏନଆଇ) ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି। ବିଶେଷ କରି ବ୍ୟବସାୟ ସହିତ ଯେଉଁ ମହିଳାମାନେ ଜଡିତ ସେମାନଙ୍କୁ ଉତ୍ସାହିତ କରିବା ସହ ବ୍ୟବସାୟ କ୍ଷେତ୍ରରେ ମହିଳାଙ୍କୁ ସଚେତନ କରିବାକୁ ପରାମର୍ଶ ଦିଆଯାଇଥିଲା। ଏଥିରେ ପ୍ରାୟ ୭୦ ମହିଳା ଯୋଗଦେଇଥିଲେ। ଏହି ଅବସରରେ ୧୨ ମହିଳା ଉଦ୍ୟୋଗୀ ଏବଂ ୧୩ ବିଶିଷ୍ଟ ପରିଦର୍ଶକଙ୍କୁ ବ୍ୟବସାୟ ସମ୍ପ୍ରଦାୟ ପ୍ରତି ସେମାନଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ସମ୍ମାନିତ ମହିଳାଙ୍କ ମଧ୍ୟରେ ମଧ୍ୟରେ ଡ. ଶ୍ରୁତି ଜାମୁଲା, ଡ. ସୋନାଲି ଗନ୍ତାୟତ, ଗୀତିକା ପାତ୍ର, ଡ. ପି. ସମୀନା, ସୁଜାତା ପାତ୍ର, ସିମରନ ଖୁରାନା, ସଂଗୀତା ପାଣିଗ୍ରାହି, ମନୋରମା ଦଳାଇ, ଲୀନା ସ୍ୱାଇଁ, ଡ. ଦେବଯାନୀ ଦେବ, ଡ.ସ୍ୱାତୀ ଦାଶ ଏବଂ ସାଇ ରତ୍ନ ଦୋରା ଅଛନ୍ତି। ଏହି ଅବସରରେ ଡ. ଶ୍ରୁତି ଜାମୁଲା ଓ ସେନାଲି ଗନ୍ତାୟତ କହିଥିଲେ ଯେ, ବର୍ତ୍ତମାନ ସମାଜରେ ମହିଳାମାନେ ଛୋଟମୋଟ ବ୍ୟବସାୟ କରିବାକୁ ଆଗ୍ରହୀ ହୋଇପଡୁଛନ୍ତି। ଏଭଳି ଛୋଟ ବ୍ୟବସାୟ କରୁ କରୁ ସେମାନେ ଉଦ୍ୟୋଗୀ ହେବା ମହିଳା ଗୋଷ୍ଠୀଙ୍କ ପ୍ରତି ଗୌରବର ବିଷୟ। ସେମାନଙ୍କୁ ଉତ୍ସାହିତ କରିବା ପାଇଁ ମହିଳା ଦିବସରେ ଅନୁଷ୍ଠାନର ଏଭଳି ପ୍ରୟାସ ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ମହିଳାଙ୍କ ନେତୃତ୍ୱ ନେବା ପାଇଁ ଗୀତାଞ୍ଜଳି ପାଢ଼ୀଙ୍କୁ ସଭାପତି, ଆକାଂକ୍ଷ୍ୟା ପାଢୋଜୋଶୀଙ୍କୁ ଉପସଭାପତି, ଇପାରୀ ସ୍ୱାତୀଙ୍କୁ ସମ୍ପାଦକ ଓ କୋଷାଧକ୍ଷ ଏବଂ ଡ.ସିଲା ସୁବ୍ରତଙ୍କୁ ପରିଦର୍ଶକ ହୋଷ୍ଟ ଭାବେ ମନୋନୀତ କରାଯାଇଥିଲା। ମହିଳାଙ୍କ ଏଭଳି ପ୍ରୟାସକୁ କ୍ଷେତ୍ର ନିର୍ଦ୍ଦେଶକ ପରବିନ୍ଦର ସିଂହ ଭାମରା, ମିତେନ୍ଦ୍ର ଭୂୟାଁ, ଶ୍ରୀକାନ୍ତ ମହାପାତ୍ର, ଟି. ରାଜ କୁମାର ଏବଂ ନିକୁଞ୍ଜ ବିହାରୀ ଦାସଙ୍କୁ ନେଇ ଏକ ଟିମ ଗଠନ କରାଯାଇଥିଲା। ସେମାନେ ବିଭନ୍ନ କ୍ଷେତ୍ରରେ ମହିଳାଙ୍କୁ ପରାମର୍ଶ ଦେବେ।

## ଟ୍ରାଫିକ୍ ଆଡ଼ଭାଇଜରି ଜାରି
### ଆଜି ଆସିବେ ମୁଖ୍ୟମନ୍ତ୍ରୀ

ଛତ୍ରପୁର,୭।୩(ସନ୍ତୋଷ ପାଢ଼ୀ ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ବ୍ରହ୍ମପୁର ଆସି ସୁଭଦ୍ରା ଯୋଜନାରେ ଦ୍ୱିତୀୟ କିସ୍ତି ଟଙ୍କା ବଣ୍ଟନର ଶୁଭାରମ୍ଭ କରିବେ। ଏଥିଲାଗି ଟ୍ରାଫିକ ଆଡ଼ଭାଇଜରି ଜାରି କରାଯାଇଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସକାଳ ୭ଟାରୁ ବ୍ରହ୍ମପୁର ଖୋଦାସିଙ୍ଗି ଛକରୁ ଜାତୀୟ ରାଜପଥ ନିକଟ ପକ୍କୁଡିବନ୍ଧ ଛକ ପର୍ଯ୍ୟନ୍ତ ଗାଡି ଚଳାଚଳ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଶେଷ ପର୍ଯ୍ୟନ୍ତ ବନ୍ଦ ରହିବ। ବ୍ରହ୍ମପୁରକୁ ଆସୁଥିବା ଏବଂ ବ୍ରହ୍ମପୁରରୁ ବାହାରୁଥିବା ଯାନବାହାନ ଟ୍ରାଫିକ ଡାଇଭର୍ଟ କରି ଗୋପାଳପୁର ଜଙ୍କଶନ ଦେଇ ଜାତୀୟ ରାଜପଥକୁ ଯା'ଆସକରିବ। ପୁକୁଡିବନ୍ଧ ଦେଇ ମୁଖ୍ୟମନ୍ତ୍ରୀଙ୍କ ସଭାସ୍ଥଳୀକୁ ଆସୁଥିବା ଯାନବାହାନକୁ ଅନୁମତି ମିଳିବ।

## ଝାମିଯାତ୍ରା ଆରମ୍ଭ, ମାନସିକଧାରୀଙ୍କ ଭିଡ଼

ବ୍ରହ୍ମପୁର,୭।୩
(ସ୍ମୃତି ରଞ୍ଜନ ମହାଲିକ):



ମା' ଝାମୀ।

ମହା ଶିବରାତ୍ରିର ୯ ଦିନ ପରେ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଶୁକ୍ରବାରଠାରୁ ପ୍ରସିଦ୍ଧ ଝାମି (ଏଲମା ଠାକୁରାଣୀ) ଯାତ୍ରା ଆରମ୍ଭ ହୋଇଛି। ଏହା ଦୋଳ ପୂର୍ଣ୍ଣିମାରେ ସରିବ। ପ୍ରଥମ ଦିନ ମା'ଙ୍କୁ ବରଣ କରାଯିବା ପରେ ଦାଣ୍ଡ ବୁଲିଥିଲେ। ମା' ଆଗାସାହିରେ ବାପା ଘରୁ ଯାଇ ଆସିବା ପରେ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଥିବା ସ୍ଥାୟୀ ମନ୍ଦିରରେ ବିଜେ କରିଥିଲେ। ଏହାପରେ ବେଢ଼ା ପରିକ୍ରମା, ଶ୍ମଶାନ ପୂଜା ଓ କାଳିସୀ ନିଆଁରେ ଚାଲିବା ପରେ ପୀଠ ଯାତ୍ରା ଆରମ୍ଭ ହୋଇଥାଏ। ଛୋଟ ଶିଶୁଙ୍କଠାରୁ ଆରମ୍ଭ କରି ବୟସ୍କ କାହାରି ବି ଚର୍ମରୋଗ ଥିଲେ ମା'ଙ୍କ ନିକଟରେ ମାନସିକ କଲେ ଭଲ ହୋଇଥାଏ ବୋଲି ବିଶ୍ୱାସ ରହିଛି। ରୋଗ ଭଲ ହେବା ପାଇଁ କୁକୁଡା, ଛେଳି, ଅଣ୍ଡା ଅର୍ପଣ କରାଯାଇଥାଏ। ମା'ଙ୍କ ନିକଟରେ ପୂଜା ହୋଇଥିବା ହଳଦୀ ଓ ବେଲପତ୍ର ଦ୍ୱାରା ରୋଗ ଉପଶମ ହୋଇଥାଏ। ମାନସିକଧାରୀ ମା'ଙ୍କ ପ୍ରିୟ ଖଇ ମୁଆଁ ପୂଜା କରିବା ସହ ମନ୍ଦିର ଉପରକୁ ପକାଇଥାନ୍ତି। ଯାତ୍ରାକୁ ବ୍ରହ୍ମପୁର ସହର ସମେତ ଜିଲା ଓ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁ ଆସିଥାନ୍ତି। ଜିଲା ବାହାରୁ ଆସିଥିବା ଭକ୍ତ ଏ ଉମା କହିଛନ୍ତି ଯେ, ଦୀର୍ଘ ୧୨ ବର୍ଷ ଧରି ମାଙ୍କ ଯାତ୍ରାକୁ ଆସୁଛନ୍ତି। ସେହିଭଳି ସୁନ୍ଦରପୁର ଅଞ୍ଚଳର ବ୍ୟବସାୟୀ ଝୁନୁ ବେହେରା ୨ ବର୍ଷ ହେଲା ଯାତ୍ରାରେ ମୁଆଁ ବିକ୍ରି କରୁଛନ୍ତି। ଭକ୍ତଙ୍କ ନିମନ୍ତେ ପାନୀୟ ଜଳ ବ୍ୟବସ୍ଥା ହୋଇଥିବା ବେଳେ ଓ ଶାନ୍ତି ଶୃଙ୍ଖଳା ଦୃଷ୍ଟିରୁ ଯାତ୍ରା ଉନ୍ନୟନ କମିଟି ପକ୍ଷରୁ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ଯାତ୍ରା ଉନ୍ନୟନ କମିଟି ସଂପାଦକ ସୁରେଶ କୁମାର ସାହୁ ଓ ସଭାପତି ଅନିଲ କୁମାର ଚୌଧୁରୀ କହିଛନ୍ତି। କିନ୍ତୁ ଜିଲା ପ୍ରଶାସନ ପକ୍ଷରୁ କୌଣସି ସହାୟତା ମିଳୁ ନ ଥିବା କମିଟି ପକ୍ଷରୁ କୁହାଯାଇଛି।

## ଜାତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୃତିତ୍ୱ



ଯୁବ ମହୋତ୍ସବରେ ସଫଳ ପ୍ରତିଯୋଗୀ।

ବ୍ରହ୍ମପୁର ୭।୩ (ସୁବାସ ଚନ୍ଦ୍ର ପାଢ଼ୀ) ଉତ୍ତର ପ୍ରଦେଶର ନୋଇଡା ସ୍ଥିତ ଆମିଟି ବିଶ୍ୱବିଦ୍ୟାଳୟରେ ଚଳିତ ମାସ ୩ ଠାରୁ ୭ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଜାତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାଂସ୍କୃତିକ ଦଳ ପୁରସ୍କୃତ ହୋଇ ସର୍ବଭାରତୀୟ ସ୍ତରରେ କୃତିତ୍ୱ ଅର୍ଜନ କରିଛି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ଅନିଶା ଦେବୀ ମେହେନ୍ଦି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦଳଗତ ଆଦିବାସୀ ଲୋକନୃତ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହ ସାଂସ୍କୃତିକ ଶୋଭାଯାତ୍ରାରେ ମଧ୍ୟ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ବାଲିଗୁଡା ଆଦିବାସୀ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଦଳଗତ ନୃତ୍ୟରେ ଭାଗ ନେଇଥିଲେ । ଉଦଯାପନୀ ଉତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିବା ଦଳରେ ଯାଇଥିବା ମ୍ୟାନେଜର ଡ଼. ମିହିର କୁମାର ତ୍ରିପାଠୀ, ଶୁଭସ୍ମିତା ସାହୁ ସୂଚନା ଦେଇଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ବିଭାଗ ସମୂହର ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, କୁଳସଚିବ ସଚ୍ଚିଦାନନ୍ଦ ନାୟକ, ଯୁଗ୍ମ କୁଳସଚିବ ଡ. ବାବୁଜି ସାମଲ, ସହ କୁଳସଚିବ ଡ. ସରୋଜ କୁମାର ଦାଶ, ସାଂସ୍କୃତିକ ସଂଯୋଜିକା ଡ.ସରିତା ଦାଶ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି ।

## ୪ ଦିନ ପରେ ଦୋଳଯାତ୍ରା: ବ୍ୟବସାୟୀଙ୍କ କବ୍‌ଜାରେ ରାସ୍ତା

ଗଞ୍ଜାମ,୭।୩(ବିଦ୍ୟାଧର ସାହୁ)
ଆଉ ଚାରି ଦିନ ପରେ ଗଞ୍ଜାମ ସହରରେ ଅନୁଷ୍ଠିତ ହେବ ଐତିହାସିକ ଦୋଳ ପୂର୍ଣ୍ଣମୀ ଯାତ୍ରା। କେଉଁ ଆବାହନ କାଳରୁ ଏଠାରେ ଏହି ଯାତ୍ରା ଅନୁଷ୍ଠିତ ହୋଇ ଆସୁଛି। ୧୧ରୁ ଆରମ୍ଭ ହେଉଥିବା ଏହି ଯାତ୍ରାରେ ସମସ୍ତ ସାହିର ପ୍ରାୟ ସୁସଜ୍ଜିତ ଷୋହଳଟି ଦୋଳ ବିମାନ ମେଢ଼ ବଜାରକୁ ଆସିବେ। ପ୍ରଥମେ ସ୍ଥାନ ଚିହ୍ନଟ ପାଇଁ ପୂର୍ବାହ୍ନରେ ବାରଟି ମେଢ଼ ବଜାରକୁ ଆସି ନିଜ ନିଜ ସ୍ଥାନ ଚିହ୍ନଟ କରି ପୁଣି ନିଜ ସାହିକୁ ଫେରିବେ ଠାକୁର। ବିଭିନ୍ନ ସାହି ମେଢ଼ ବିରାଟ ଶୋଭାଯାତ୍ରାରେ ନାଚ ଗୀତରେ ସ୍ଥାନ ଚିହ୍ନଟ ପାଇ ଆସୁଥିବା ହେତୁ ବଜାର ସେହି ସମୟରେ ଜନଗହଳି ରହିବ। ବର୍ତ୍ତମାନ କିଛି ବ୍ୟବସାୟୀ ଦୋକାନ ଆଗକୁ ଆଣିବା ସହ ହୋଡିଂ ଏବଂ କିଛି ଦୋକାନ ସାମଗ୍ରୀ ରାସ୍ତା ଉପରେ ରଖୁଥିବା ଯୋଗୁଁ ନିଶ୍ଚିତ ଟ୍ରାଫିକ ସମସ୍ୟା ସୃଷ୍ଟି କରିବ। ଏହି ଯାତ୍ରା ପାଇଁ ଏନଏସି ପ୍ରଶାସନ ଓ ଥାନା ପୋଲିସ ପକ୍ଷରୁ ଦୁଇ ଦୁଇ ଥର




ଯାତ୍ରା ସ୍ଥଳର ମୁଖ୍ୟ ରାସ୍ତା ।

### ଦେଖାଦେବ ଟ୍ରାଫିକ ସମସ୍ୟା

ଶାନ୍ତି କମିଟିକୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସେତେବେଳେ ଏହି ସମସ୍ୟା ସୃଷ୍ଟି ହେବ ବୋଲି ଆଲୋଚନା ହୋଇଥିଲେ ମଧ୍ୟ କୌଣସି ପ୍ରଶାସନ ଏଯାବତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ କିମ୍ବା ଉକ୍ତ ଦୋକାନୀ ମାନଙ୍କୁ ନୋଟିସ ମଧ୍ୟ ହୋଇନାହିଁ। ଏହି ଯାତ୍ରା ତିନି ଦିନ ଧରି ଅନୁଷ୍ଠିତ ହେବ। ପ୍ରତିବର୍ଷ ପ୍ରାୟ ଲକ୍ଷାଧିକ ଲୋକଙ୍କ ସମାଗମ ହେଉଛି। ତ୍ରିବେଣୀ ଛକ ଠାରୁ ସାନ ବଜାର ପର୍ଯ୍ୟନ୍ତ ହଜାର ହଜାର ବିଭିନ୍ନ ପସରା ପଡୁଛି। ଅନ୍ୟପଟେ ବିଭିନ୍ନ ସାହିରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟଗୁଡ଼ିକ ଜଳୁନଥିବା ବେଳେ ଏହା ଯାତ୍ରା ପୂର୍ବରୁ ସଜଡ଼ାଯିବ କି ନାହିଁ ସନ୍ଦେହ ଘେରରେ ରହିଛି। ତେଣୁ ଯାତ୍ରା ପୂର୍ବରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ସବ୍ୟସାଚୀ ସାହୁ ରାଇକିଆ ବିଡ଼ିଓ



ରାଇକିଆ,୭।୩ (ପ୍ରଦୀପ ବେହେରା)

କନ୍ଧମାଳ ଜିଲା ରାଇକିଆ ବ୍ଲକର ନୂତନ ବିଡ଼ିଓ ଭାବେ ସବ୍ୟସାଚୀ ସାହୁ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ସମସ୍ତ କର୍ମଚାରୀ ଏବଂ ବିଭିନ୍ନ ସଙ୍ଗଠନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା । ପୂର୍ବରୁ ସେ ନୂଆପଡ଼ାର ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରତ ଥିଲେ। ଗତ ଡ଼ିସେମ୍ବର ୩୧ରେ ରାଇକିଆର ତତ୍କାଳୀନ ବିଡ଼ିଓ ସୀମାଞ୍ଚଳ ମଣ୍ଡଳ ଅବସର ଗ୍ରହଣ କରିଥିଲେ। ଜାନୁଆରୀରୁ ଜି.ଉଦୟଗିରି ବିଡ଼ିଓ ମନୋଜ ଦେବତା ରାଇକିଆ ବ୍ଲକର ବିଡ଼ିଓ ଭାବେ ଅତିରିକ୍ତ ଦାୟିତ୍ୱରେ ଥିଲେ ।

### ବୋମା ଫିଙ୍ଗା ଘଟଣାରେ ୨ ଗିରଫ

ପାତ୍ରପୁର,୭।୩ (ଉମା ଚରଣ ନେପାକ)

ଜରଡ଼ା ଥାନା ଅନ୍ତର୍ଗତ ତୁରୁବୁଡ଼ି ଗାଁରେ ଏକ ଦୋକାନ ଉପରକୁ ବୋମା ଫିଙ୍ଗା ଘଟଣାରେ ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।ସେମାନେ ହେଲେ ଆସିକା ଅଞ୍ଚଳର ଆକାଶ ଜେନା ଏବଂ କବିସୂର୍ଯ୍ୟ ନଗର ଅଞ୍ଚଳର କମଳ ଲୋଚନ ଗୌଡ। ଗତ ମଙ୍ଗଳବାର ତୁରୁବୁଡି ଗ୍ରାମର ସରୋଜ ସାହୁ ଦୋକାନରେ ବସିଥିବା ବେଳେ ତିନିଜଣ ଯୁବକ ଏକ ବାଇକ୍‌ରେ ଆସି ଦୋକାନ ଉପରକୁ ବୋମା ଫିଙ୍ଗି ଥିଲେ। ତେବେ ବୋମାଟି ଫୁଟି ନ ଥିଲା। ଏହା ଜାଣିବା ପରେ କିଛି ମହିଳା ପହଞ୍ଚି ପାଟି କରିବାରୁ ତିନି ଯୁବକ ବାଇକ୍ ସହ ଖଣ୍ଡା ଛାଡି ଦୌଡ଼ି ପଳାଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଘଟଣାରେ ଉପରୋକ୍ତ ୨ ଅଭିଯୁକ୍ତଙ୍କ ସମ୍ପୃକ୍ତି ସ୍ପଷ୍ଟ ହେବା ପରେ ଉଭୟଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଟୁନା ସାସମଲ କହିଛନ୍ତି।

### ୨ କୀଟନାଶକ ଦୋକାନରେ ଅଗ୍ନିକାଣ୍ଡ

#### ଲକ୍ଷାଧିକ ଟଙ୍କା ମୂଲ୍ୟର ସାମଗ୍ରୀ ଭସ୍ମୀଭୂତ

ହିଞ୍ଜିଳିକାଟୁ, ୭।୩(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳି ଥାନା ଅନ୍ତର୍ଗତ ନୂଆଁ ବୁରୁପୋଡା ଗ୍ରାମରେ ଶୁକ୍ରବାର ୨ଟି କୀଟନାଶକ ଔଷଧ ଦୋକାନରେ ନିଆଁ ଲାଗି ଲକ୍ଷାଧିକ ଟଙ୍କା ମୂଲ୍ୟର ସାମଗ୍ରୀ ପୋଡି ନଷ୍ଟ ହୋଇଛି। ବିଦ୍ୟୁତ୍ ଶର୍ଟ ସର୍କିଟରୁ ଏପରି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଗୁରୁବାର ରାତିରେ ଲାଗିଲାଗି ଥିବା ଉଭୟ ଦୋକାନର ମାଲିକ ଦୋକାନ ତାଲା ପକାଇ ଘରକୁ ଯାଇଥିଲେ। ଶୁକ୍ରବାର ସକାଳୁ ଏକ ଦୋକାନ ଭିତରୁ ଧୂଆଁ ବାହାରିବା ଖବର ପାଇ ଦୋକାନ ମାଲିକ ଆସି କବାଟ ଖୋଲିଥିଲେ। ଦୋକାନ ଭିତରୁ ନିଆଁ ନିକଟରେ ଥିବା ଅନ୍ୟ ଦୋକାନକୁ ବ୍ୟାପି ଯାଇଥିଲା। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ। ଖବର ପାଇ ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

# ବଡ଼ଗଡ଼କୁ ସ୍ୱତନ୍ତ୍ର ବ୍ଲକ ମାନ୍ୟତା ଦାବି ନେଇ ସ୍ମାରକପତ୍ର

ସୋରଡା,୭।୩(ରଜନୀ ମହାପାତ୍ର)

ରାଜ୍ୟ ସରକାର ବର୍ତ୍ତମାନ କେତେକ ନୂତନ ନିର୍ବାଚନ ମଣ୍ଡଳୀ ଓ ବ୍ଲକ ଗଠନ କରିବାକୁ ସବୁଜ ସଂକେତ ଦେଇଛନ୍ତି। ଏଭଳି ସମୟରେ ଗଞ୍ଜାମ ଜିଲାର ସୋରଡ଼ା ବ୍ଲକର ବଡ଼ଗଡ଼କୁ ସ୍ୱତନ୍ତ୍ର ବ୍ଲକର ମାନ୍ୟତା ଦେବା ପାଇଁ ବଡ଼ଗଡ଼ ବିକାଶ ପରିଷଦ ତରଫରୁ ଦାବି ହୋଇଛି। ଏ ନେଇ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସୋରଡା ବ୍ଲକରେ ବଡଗଡ ଏକ ବଡ ପଞ୍ଚାୟତ ହୋଇଥିବା ବେଳେ ଜନସଂଖ୍ୟା ପ୍ରାୟ ୮ ହଜାର ରହିଛି। ଏହି ପଞ୍ଚାୟତରେ ୨୦ରୁ ଉର୍ଦ୍ଧ୍ୱ ସାହି ଓ ୱାର୍ଡ ରହିଛି।

୨୦୦୯ରେ ସରକାର ଶେଷଥର ପାଇଁ ନିର୍ବାଚନ ମଣ୍ଡଳୀ ପୁନର୍ଗଠନ କରି ସୋରଡାରୁ ଧରାକୋଟକୁ ଅଲଗା କରି ବେଲଗୁଣ୍ଠାକୁ ସାମିଲ କରିଥିଲେ। ସୋରଡା ନିର୍ବାଚନ ମଣ୍ଡଳୀର ବର୍ତ୍ତମାନ ଜନସଂଖ୍ୟା ୨ ଲକ୍ଷ ୨୦ ହଜାରରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ଯଦି ବେଲଗୁଣ୍ଠାକୁ ଏଠାରୁ ବାଦ ଦିଆଯାଏ ଓ ବଡଗଡ



ବଡଗଡ ବିକାଶ ପରିଷଦ ପକ୍ଷରୁ ଛତ୍ରପୁର ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

ଉପରେ ନିର୍ଭର କରୁଥିବା ଧରାକୋଟ ବ୍ଲକର ୪ଟି ପଞ୍ଚାୟତକୁ ମିଶାଇଲେ ଜନସଂଖ୍ୟା ୧ ଲକ୍ଷ ୨୦ ହଜାରରୁ ୩୦ ହଜାର ମଧ୍ୟରେ ରହିବ। ବଡଗଡ ନିକଟସ୍ଥ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ପଞ୍ଚାୟତ ଗଞ୍ଜାମ, ଗଜପତି ଓ କନ୍ଧମାଳ ସୀମାନ୍ତ ଅଞ୍ଚଳ ଅଟେ। ଏହି ଅଞ୍ଚଳରେ ଥିବା ସାଲିମାଗୋଛା ସୋରଡା ବ୍ଲକ ମୁଖ୍ୟାଳୟରୁ ୪୫ କି.ମି.। ମୋବାଇଲ ନେଟୱର୍କ ଏଠାରେ ଏବେ ମଧ୍ୟ ଉପଲବ୍ଧ ନାହିଁ। ମେରିକୋଟ, ଗୌଡଗୋଠ, ବୋରଦା, ହିଞ୍ଜାଳକୁଦା, ଏକଲପୁର, ରାଇବାନ୍ଧ, ବଡଗଡ, ସିଦ୍ଧପୁର, ଗାଙ୍ଗପୁର ଓ ସରାବାଡି ରହିଥିବା ବେଳେ ଧରାକୋଟେ ବ୍ଲକର ବଳରାମପୁର, ମାଛକୋଟ, ସାବା ଏବଂ ମାଣିକପୁର ଗ୍ରାମରେ ମଧ୍ୟ ସରକାରୀ ଯୋଜନା ଏବଂ ପ୍ରଶାସନିକ ସୁବିଧା ଠିକ ଭାବେ ପହଞ୍ଚୁ ନ ଥିବା ବଡଗଡ ବିକାଶ ପରିଷଦ ଅଭିଯୋଗ କରିଛି। ବଡଗଡକୁ ବ୍ଲକ କରାଗଲେ ଏହି ଅଞ୍ଚଳରେ ନିର୍ଭର କରୁଥିବା ସୋରଡାର ୧୧ ପଞ୍ଚାୟତ ଓ ଧରାକୋଟର ୪ ପଞ୍ଚାୟତବାସୀଙ୍କ ପାଇଁ ତହସିଲ ସୁବିଧା ଓ ବ୍ଲକର ସୁବିଧା ମିଳିବ। କଂଗ୍ରେସ ବ୍ଲକ ସଭାପତି ହରିକୃଷ୍ଣ ରଥ କହିଛନ୍ତି, ସରକାର ଯେଉଁ ନୂତନ ବ୍ଲକ ଗଠନ ପାଇଁ ପଦକ୍ଷେପ ନେଉଛନ୍ତି ତାହା ସ୍ୱାଗତଯୋଗ୍ୟ। ଏଥିରେ ସୋରଡା ବ୍ଲକର ବଡଗଡ ଅଞ୍ଚଳର ୧୧ଟି ଓ ଧରାକୋଟ ୪ ଟି ପଞ୍ଚାୟତକୁ ନେଇ ନୂତନ ବ୍ଲକ ଗଠନ ସହ ପ୍ରାୟ ୮ ହଜାର ଜନସଂଖ୍ୟା ବିଶିଷ୍ଟ ବଡଗଡକୁ ଏନଏସିର ମାନ୍ୟତା ଦେଲେ ଏଠାକାର ବିକାଶ ହୋଇପାରନ୍ତା। ଅନ୍ୟପଟେ ବଡଗଡ ବିକାଶ ପରିଷଦ କହିଛି ଜିଲା ସଦର ମହକୁମା ଛତ୍ରପୁରକୁ ଆସି ଫେରିବାକୁ ହେଲେ ଦୁଇ ଦିନ ସମୟ ଲାଗୁଛି ଏବଂ ସୋରଡା ମୁଖ୍ୟାଳୟକୁ ଗଲେ ପୁରା ଦିନ ବି କମ ପଡୁଛି। ଏପରି ସ୍ଥିତିରେ ସରକାର ବଡଗଡକୁ ଶୀଘ୍ର ଗୋଟିଏ ସ୍ୱତନ୍ତ୍ର ବ୍ଲକର ମାନ୍ୟତା ଦିଅନ୍ତୁ। ବଡଗଡ ବିକାଶ ପରିଷଦର ହରେକୃଷ୍ଣ ରଥ, ପ୍ରତାପ ପାଣିଗ୍ରାହୀ, ଅମରଜୀତ ସିଂ, ବିନାୟକ ଗୌଡ, ତ୍ରିନାଥ ସେଠୀ, ବାଇଧର ଗୌଡ, ବିକାଶ ମଣ୍ଡଳ, ଅଶୋକ ବିଷୋୟୀ, କେଶବ ନାହାକ, ସିତାପ୍ରସାଦ ପଟ୍ଟନାୟକ ଉପସ୍ଥିତ ଥିଲେ।

# ନୂତନ ମନ୍ଦିରରେ ବିଜେ କଲେ ଶ୍ରୀଜୀଉ



ଜଗନ୍ନାଥପ୍ରସାଦ, ୭।୩(ବିଭୂପ୍ରସାଦ ପଟ୍ଟନାୟକ)

ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ପଞ୍ଚଭୂତି ଗ୍ରାମ ପାଟଣା ସାହିରେ ଶ୍ରୀଜଗନ୍ନାଥଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ଶ୍ରୀଜୀଉଙ୍କ ମନ୍ଦିର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଠାରୁ ଶୁକ୍ରବାର ତିନିଦିନ ବ୍ୟାପୀ ଆୟୋଜିତ ଏହି ଉତ୍ସବ ଅବସରରେ ତିନିଦିନ ବ୍ୟାପୀ ୭୨ ପ୍ରହର ଅଖଣ୍ଡ ନାମ ଯଜ୍ଞ ସଙ୍କୀର୍ତ୍ତନ, ଘୃତ ଯଜ୍ଞ ଓ ଅନ୍ନ ଯଜ୍ଞ ହୋଇଥିଲା। ଶୁକ୍ରବାର ସକାଳ ୯ଟା ପୂର୍ବରୁ ଅମୃତ ବେଳାରେ ମହାପ୍ରଭୁଙ୍କୁ ଗଡ଼ସାହିସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିରରୁ ପାଟଣାସାହିସ୍ଥିତ ଶ୍ରୀମନ୍ଦିରଙ୍କୁ ଅଣାଯାଇ ରତ୍ନ ସିଂହାସନରେ ବିଜେ କରାଯାଇଥିଲା। ଗ୍ରାମର ଟୁନା ସାହୁ ସପତ୍ନୀକ ଯଜ୍ଞ କର୍ତ୍ତା ଭାବରେ ଦାୟିତ୍ୱ ତୁଲାଇଥିଲେ। ଗ୍ରାମର ପୁରୋହିତ କୁମୁଦ ଚନ୍ଦ୍ର ମିଶ୍ର ଓ ମନ୍ଦିର ପୂଜକ ସୀମାଞ୍ଚଳ ପଣ୍ଡା ପୂଜା ହୋମ ସହିତ ଯଜ୍ଞ ପରିଚାଳନା କରିଥିଲେ। ୭୨ ପ୍ରହର ନାମ ସଂକୀର୍ତ୍ତନରେ ସୋଲଣ୍ଡି, ଇନ୍ଦ୍ରଗଡ଼, ଶାଳବଣି, ବାରାଦଣ୍ଡା ଓ ନାଗିରୀ ଗ୍ରାମର ସଂକୀର୍ତ୍ତନ ଦଳ ସାମିଲ ହୋଇଥିଲେ। ମନ୍ଦିର ପରିଚାଳନା କମିଟି ଟ୍ରଷ୍ଟ ପଦ୍ମଲାଭ ପ୍ରଧାନ, ସୁରେଶ ଚନ୍ଦ୍ର ପଟ୍ଟନାୟକ, ସନ୍ତୋଷ ବେହେରା, ଗୋକୁଳ ଦୋରା, ଗାନ୍ଧିଜୀ ପାତ୍ର, ସୁଧାଂଶୁ ଶେଖର ପଟ୍ଟନାୟକଙ୍କ ସମେତ ସମସ୍ତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତୀର୍ଥଯାତ୍ରା ପାଇଁ ବାହାରିଲେ ୭୨ ବରିଷ୍ଠ ନାଗରିକ

ପାରଳାଖେମୁଣ୍ଡି,୭।୩(ଗିରିଧାରୀ ପରିଛା)

ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ପାଇଁ ଶୁକ୍ରବାର ୨ଟି ବସ୍‌ର ଶୁଭାରମ୍ଭ ହୋଇଛି। ଏହି ୨ବସ୍‌ରେ ୭୨ଜଣ ବଶିଷ୍ଠ ନାଗରିକ ଅଯୋଧ୍ୟା-ବାରଣାସୀ ଅଭିମୁଖେ ତୀର୍ଥଯାତ୍ରା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ ଏବଂ ସମ୍ମାନିତ ଅତିଥି ଭାବେ ଜିଲାପାଳ ବିଜୟ କୁମାର ଦାସ, ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଜିଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ ପ୍ରମୁଖ ଉପସ୍ଥିତ ରହି ଏହି ଦୁଇ ବସ୍‌କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ୨ ବସ୍‌ର ତୀର୍ଥଯାତ୍ରୀଙ୍କୁ ନେଇ ବ୍ରହ୍ମପୁରରେ ଛାଡିବା ପରେ ସେଠାରୁ ସେମାନେ ଶନିବାର ୮ତାରିଖରେ ଟ୍ରେନ



ତୀର୍ଥଯାତ୍ରୀ ବସ୍‌କୁ ଅତିଥିମାନେ ସବୁଜ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରୁଛନ୍ତି।

ଯୋଗେ ଯାତ୍ରା ଆରମ୍ଭ କରିବେ। ମାର୍ଚ୍ଚ ୧୩ରେ ଯାତ୍ରା ଶେଷ ହେବ।

ତୀର୍ଥଯାତ୍ରୀମାନେ ପର୍ଯ୍ୟଟନ ବିଭାଗ ଅନଲାଇନ ମାଧ୍ୟମରେ ଆବେଦନ କରିଥିଲେ। ସେଥିରୁ ୭୨ଜଣ ଯାତ୍ରୀଙ୍କୁ ଚୟନ କରାଯାଇଥିଲା। ଗୋଷାଣି ବ୍ଲକରୁ ୨୦ ଜଣ, କାଶୀନଗର ଏନଏସିରୁ ୫, ଗୁମ୍ମା ବ୍ଲକରୁ ୧୧, ମୋହନା ବ୍ଲକରୁ ୧୧, କାଶୀନଗର ବ୍ଲକରୁ ୯, ରାୟଗଡ଼ ବ୍ଲକରୁ ୩ ଏବଂ ପାରଳାଖେମୁଣ୍ଡି ମ୍ୟୁନିସିପାଲିଟିରୁ ୧୩ ଜଣ ତୀର୍ଥଯାତ୍ରୀ ଯାତ୍ରା କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରଥମେ ଯାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଯାତ୍ରୀମାନେ ବ୍ରହ୍ମପୁର ପହଞ୍ଚିବା ପରେ ସମସ୍ତଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଥିବା ଆବଶ୍ୟକୀୟ କିଟ୍‌ପ୍ରଦାନ କରାଯିବ। ଟ୍ରେନ ଯାତ୍ରା ବେଳେ ଆଇଆରସିଟିସି ପକ୍ଷରୁ ସ୍ୱାସ୍ଥ୍ୟଜନିତ ସମସ୍ୟା ପାଇଁ ଆବଶ୍ୟକ ଡ଼ାକ୍ତର ଟିମ୍ ଟ୍ରେନ୍‌ରେ ରହିବେ। ତର୍ଥଯାତ୍ରୀଙ୍କୁ ଟ୍ରେନରେ ବସାଇବା ଏବଂ ତୀର୍ଥଯାତ୍ରା ସାରି ସଦର ମହକୁମାରେ ପହଞ୍ଚିବା ପରେ ସେମାନଙ୍କୁ ନେଇ ନିଜ ନିଜ ଘରେ ପହଞ୍ଚାଇବା ଦାୟିତ୍ୱ ପର୍ଯ୍ୟଟନ ବିଭାଗର। ବିଭାଗୀୟ ଅଧିକାରୀମାନଙ୍କୁ ନେଇ ଏଥିପାଇଁ ଏକ ଟିମ୍ ଗଠନ କରାଯାଇଛି। ଜିଲା ପର୍ଯ୍ୟଟନ ଅଧିକାରୀ ଅରୁଣ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୨ ବସ୍‌ରେ ବ୍ରହ୍ମପୁର ଗଲେ ୮୬ ବରିଷ୍ଠ ନାଗରିକ

ଫୁଲବାଣୀ, ୭।୩
(ରାକେଶ କୁମାର ରାଉତ)

ରାଜ୍ୟ ପର୍ଯ୍ୟଟନ ବିଭାଗର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ କନ୍ଧମାଳ ଜିଲାର ୮୬ ଜଣ ବରିଷ୍ଠ ନାଗରିକ ୨ଟି ବସ୍ ଯୋଗେ ତୀର୍ଥଯାତ୍ରାରେ ବାହାରିଛନ୍ତି। ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ଜେନା, ଉପ-ଜିଲାପଳ ଚିତ୍ତରଞ୍ଜନ ମହନ୍ତ ଜିଲା ପର୍ଯ୍ୟଟନ ଅଧିକାରୀ କୁମୁଦିନି ମଲ୍ଲିକ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। ଏହି ତୀର୍ଥଯାତ୍ରୀମାନଙ୍କୁ ସାର୍ତ୍ତାଗୁଡ଼ା ସ୍ଥିତ ବୃଦ୍ଧାଶ୍ରମରୁ ନେଇ ବ୍ରହ୍ମପୁର ରେଳ ଷ୍ଟେସନରେ ଛାଡ଼ିବ ବୋଲି ଜଣାପଡ଼ିଛି। ସେମାନେ ଶନିବାର ଟ୍ରେନ୍‌ଯୋଗେ ତୀର୍ଥଯାତ୍ରା ପାଇଁ ଅଯୋଧ୍ୟା- ବାରଣାସି ଅଭିମୁଖରେ ବାହାରିବେ ବୋଲି ଜିଲା ପର୍ଯ୍ୟଟନ ଅଧିକାରୀ ମଲ୍ଲିକ ସୂଚନା ଦେଇଛନ୍ତି। ସେମାନଙ୍କ ସହିତ ଜିଲା ସଂଯୋଜକ ଏଚଆର୍‌ଏମ୍‌ଏସ୍ ଦିପ୍ତିକାନ୍ତ



ବ୍ରହ୍ମପୁର ବାହାରିଥିବା ବରିଷ୍ଠ ନାଗରିକମାନେ।

ନାୟକ, ବରିଷ୍ଠ ରାଜସ୍ୱ ସହାୟକ ଶିବ ମେହେର ଏବଂ କନିଷ୍ଠ ରାଜସ୍ୱ ସହାୟକ ଚନ୍ଦନ କୁମାର ପୃଷ୍ଟି ସେମାନଙ୍କ ସହ ବାହାରିଛନ୍ତି। କନ୍ଧମାଳ ଜଲାର ଘୁ.ଉଦୟଗିରି ବ୍ଲକ୍‌ରୁ୧୪ ଜଣ, ଫୁଲବାଣୀ ବ୍ଲକରୁ୧୮ ଜଣ, ଟିକାବାଲି ବ୍ଲକରୁ ୯ ଜଣ, ଫିରିଙ୍ଗିଆ ବ୍ଲକରୁ ୩ ଜଣ, ଖଜୁରୀପଡ଼ା ବ୍ଲକରୁ୧୨ ଜଣ, ଚକାପାଦ ବ୍ଲକରୁ ୪ ଜଣ, ଦାରିଙ୍ଗିବାଡ଼ି ବ୍ଲକରୁ ୧୯ ଜଣ ଏବଂ ରାଇକିଆ ବ୍ଲକରୁ ୭ ଜଣ ବରିଷ୍ଠ ନାଗରିକ ଏହି ଯାତ୍ରାରେ ସାମିଲ ଅଛନ୍ତି ବୋଲି ଜିଲା ପର୍ଯ୍ୟଟନ ବିଭାଗର ବରିଷ୍ଠ ସହାୟକ ପ୍ରମୋଦ କୁମାର ନାୟକ ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନ ତରଫରୁ ତୀର୍ଥଯାତ୍ରୀମାନଙ୍କୁ ଚନ୍ଦନ ଟିପା ଲଗାଇ ସେମାନଙ୍କର ଶୁଭ କାମନା କରାଯାଇଥିବାବେଳେ ଅତିଥିମାନେ ସମସ୍ତଙ୍କୁ ଗୋଲାପ ଫୁଲ ଦେଇଥିଲେ।

### କାର-ବାଇକ୍ ଧକ୍କା, ୩ ମୃତ

ଜି.ଉଦୟଗିରି, (ଚିନ୍ମୟ କୁମାର ସେଠୀ )

ଜି.ଉଦୟଗିରି ଥାନା ଅନ୍ତର୍ଗତ ଶ୍ରୀକଲା ଘାଟି ନିକଟସ୍ଥ ଦାରାମାହା ନିକଟରେ ଶୁକ୍ରବାର ରାତିରେ (ଓଡି ୧୨ ୭୩୭୪) କାର ଏବଂ (ଓଡି ୧୯ ଏଚ ୪୨୯୫) ବାଇକ୍ ମୁହାଁ ମୁହିଁ ଧକ୍କା ହୋଇଛି। କଳିଙ୍ଗା ଗ୍ରାମର ଶୁଭମ ନାୟକ, ଗଦିଙ୍ଗିଆ ଗ୍ରାମର ଶଙ୍କର ପ୍ରଧାନ ଓ ଶ୍ରୀହରି ପ୍ରଧାନ ୩ ଜଣ ଯୁବକ କତିଙ୍ଗିଆ ଠାରୁ ବାଇକ୍ ଯୋଗେ ଆସୁଥିବା ବେଳେ ଜି.ଉଦୟଗିରି ପଟୁ ରାଇକିଆ ଅଭିମୁଖେ ଯାଉଥିବା ୱାଗନର କାର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣା ସ୍ଥଳରେ ସମ୍ପୃକ୍ତ ୩ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଛି। ଘଟଣା ସ୍ଥଳରେ ସ୍ଥାନୀୟ ପୋଲିସ ଆଇଆଇସି ବିଜୟ ସ୍ୱାଇଁ ସଦଳବଳେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଜଣେ ଯୁବକ କାର ତଳେ ଚାପି ହୋଇ ଥିବାରୁ ସ୍ଥାନୀୟ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କରିଥିଲେ। ମୃତକଙ୍କ ପରିବାର ଲୋକ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଛନ୍ତି। କାର ଚାଳକ ଓ ଅନ୍ୟ ଜଣଙ୍କୁ ପୋଲିସ ଥାନକୁ ନେଇ ଅଟକ ରଖି ପଚରାଉଚରା କରୁଛି।

# ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡ ଅଧିକାରୀ ୪ ବର୍ଷର ଆଦଭିକ୍




ବାଲିଗୁଡ଼ା,୭।୩(ସଞ୍ଜୟ କୁମାର ପାଣିଗ୍ରାହୀ)

ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡରେ ୪ବର୍ଷର ଶିଶୁ ଆଦଭିକ୍ ପାଢ଼ୀ। ଫଟାଫଟ୍ ସବୁ ପ୍ରଶ୍ନର ଉତ୍ତର ଦେଉଛନ୍ତି ଏହି କୁନି ବିସ୍ମୟ ବାଳକ। ବାଲିଗୁଡ଼ା ସହର ଭଗାମୁଣ୍ଡା ସାହିର ଅମୂଲ୍ୟ ପାଢ଼ୀ ଓ ପ୍ରିୟଙ୍କା ପାଢ଼ୀଙ୍କ ସୁପୁତ୍ର ଆଦଭିକ୍ । ସେ ବାଲିଗୁଡ଼ା ସ୍ଥିତ ସାଇ ପ୍ରଭୁଜୀ ଗ୍ଲୋବାଲ ସ୍କୁଲରେ ନର୍ସରୀରେ ପାଠ ପଢୁଛନ୍ତି। ଆଦଭିକ୍ ୧ମିନିଟ୍ ୪୩ ସେକେଣ୍ଡରେ ଫଟାଫଟ୍ ୧୦୦ ପ୍ରଶ୍ନର ସଠିକ୍ ଉତ୍ତର ଦେଇ ଏହି ସଫଳତା ହାସଲ କରିଛନ୍ତି। ପୂର୍ବରୁ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ମଧ୍ୟ ନିଜକୁ ସ୍ଥାନିତ କରିଥିଲେ। ବିସ୍ମୟ କୁନି ବାଳକଙ୍କୁ ସବୁଆଡୁ ପ୍ରଶଂସାର ସୁଅ ଛୁଟୁଛି। ସାଇ ପ୍ରଭୁଜୀ ଗ୍ଲୋବାଲ ସ୍କୁଲରେ ଆଦଭିକ୍ ଏବଂ ତାଙ୍କ ପିତା ମାତାଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଶିକ୍ଷୟିତ୍ରୀ ଶିକ୍ଷକ ସମ୍ବର୍ଦ୍ଧିତ କରିଛନ୍ତି।

# ବ୍ଲକସ୍ତରୀୟ ଶିଶୁବାଟିକା ତାଲିମ ଶେଷ

କବିସୂର୍ଯ୍ୟନଗର, ୭।୩(କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା ଶିକ୍ଷାଧିକାରୀଙ୍କ ପରାମର୍ଶରେ ସମଗ୍ର ଶିକ୍ଷା ଆନୁକୂଲ୍ୟରେ କବିସୂର୍ଯ୍ୟନଗର ଏନଏସିସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ପଞ୍ଚ ଦିବସୀୟ ଶିଶୁ ବାଟିକା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ନୂତନ ଶିକ୍ଷା ନୀତି ଅନୁସାରେ ପାଞ୍ଚବର୍ଷରୁ ଉର୍ଦ୍ଧ୍ୱ ଶିଶୁ ପ୍ରାଥମିକ ସ୍କୁଲରେ ନୂତନ ଭାବେ ଖୋଲିଥିବା ଶିଶୁବାଟିକା ଶ୍ରେଣୀ ଗୃହରେ ଅଧ୍ୟୟନ କରିବେ । ସରକାର ଏଥିପାଇଁ ପ୍ରତି ପ୍ରାଥମିକ ସ୍କୁଲରେ ଶିଶୁବାଟିକା ଖୋଲିଛନ୍ତି । ଏଠାରେ ତାଲିମପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଶିଶୁଙ୍କୁ ପାଠ ପଢ଼ାଇବେ। ବିଇଓ ଅଭିମନ୍ୟୁ ସାହୁଙ୍କ ପୌରାହିତ୍ୟରେ ହୋଇଥିବା ତାଲିମ କାର୍ଯ୍ୟକ୍ରମରେ ଏବିଇଓ ଲକ୍ଷ୍ମଣ ଜେନା, ସଂଯୋଜକ ରବି ନାରାୟଣ ବେହେରା, ପ୍ରଧାନଶିକ୍ଷକ ସୂର୍ଯ୍ୟ ନାରାୟଣ ଦାସ, ଏନଏସି ସିଆରସିସି ରବୀନ୍ଦ୍ର ବିଶ୍ୱାଳଙ୍କ ସମେତ ବ୍ଲକର ସମସ୍ତ ସିଆରସିସି ଯୋଗ ଦେଇଥିଲେ । ସହଯୋଗୀ ସିଆରସିସି ମଧ୍ୟରେ ମିହିରକାନ୍ତ ସାହୁ, ସୀମାଞ୍ଚଳ ପ୍ରଧାନ, ପ୍ରଭାକର ଜେନା, ରାଜୀବ ଲୋଚନ ସାହୁ, ଶ୍ରୀହର୍ଷ ପରିଡା, ଅମେରେଶ ବେହେରା, ଅରୁଣ ଚୌଧୁରୀ, ନୀଳମାଧବ ହୋତା, ଗଣେଶ ପ୍ରସାଦ ସାହୁ ଓ ରମେଶ ବେହେରା ଥିଲେ।

# ବିଶ୍ୱଶାନ୍ତି ପଞ୍ଚ ମହାଯଜ୍ଞ ଉଦ୍‌ଯାପିତ



ଠାକୁରଙ୍କ ଚାଲିଥିବା ପୂଜାର୍ଚ୍ଚନା ।

ବେଲଗୁଣ୍ଠା,୭।୩(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଗାଙ୍ଗପୁର ଥାନା ଅନ୍ତର୍ଗତ କେଶରାପଲ୍ଲୀ ଗ୍ରାମରେ ମା’ ଦଣ୍ଡକାଳୀଙ୍କ ନୂତନ ବିଗ୍ରହ ସହିତ ମନ୍ଦିର ପ୍ରତିଷ୍ଠା ଏବଂ ଶ୍ରୀ ରଘୁନାଥଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉପଲକ୍ଷେ ତିନିଦିନ ବ୍ୟାପୀ ଚାଲିଥିବା ବିଶ୍ୱଶାନ୍ତି ପଞ୍ଚ ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଗ୍ରାମରେ ଅଖଣ୍ଡ ନାମଯଜ୍ଞ, ଘୃତ ଯଜ୍ଞ, ଅନ୍ନ ଯଜ୍ଞ, ଜ୍ଞାନ ଯଜ୍ଞ ଏବଂ ଗୋ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ଦିନ ହଜାର ହଜାର ଭକ୍ତଙ୍କ ଭିଡ଼ ଲାଗୁଥିବା ବେଳେ ପ୍ରସାଦ ସେବନ ପାଇଁ ଆନନ୍ଦ ବଜାରରେ ଏବଂ ବିଭିନ୍ନ ଦୋଳିର ମଜା ଉଠାଇବା ପାଇଁ ମୀନା ବଜାରରେ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଥିଲା। ଗାଙ୍ଗପୁର ଥାନାଧିକାରୀ ଶ୍ରଦ୍ଧାଞ୍ଜଳୀ ସୁବୁଦ୍ଧିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗାଙ୍ଗପୁର ପୋଲିସ୍ ବାହିନୀ ଭିଡ଼ ନିୟନ୍ତ୍ରଣ କରିବା ସହିତ ଆଇନ୍ ଶୃଙ୍ଖଳା ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଥିଲେ। ଗ୍ରାମ୍ୟ ସଭାପତି ଅଭିମନ୍ୟୁ ପ୍ରଧାନ, ଯୁଗଳ କିଶୋର ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ଗୌଡ଼, ସୀମାଞ୍ଚଳ ବିଷୋୟୀ, ସୁଦାମା ଖଟାଇ, ବୃନ୍ଦାବନ ବିଷୋୟୀ, ଲଡୁ କିଶୋର ବିଷୋୟୀ, ବାଳକୃଷ୍ଣ ବିଷୋୟୀ, ଦିଲ୍ଲିପ୍ ବିଷୋୟୀ, ଜୟରାମ ବିଷୋୟୀ, ଶଙ୍କର ସ୍ୱାଇଁ, ମାନସ କୁମାର ବିଷୋୟୀ, ସୁଦର୍ଶନ ଗୌଡ଼, ମନୋଜ ଗୌଡ଼, ଅଶୋକା ଗୌଡ଼, ଭଗବାନ ଗୌଡ଼ ପ୍ରମୁଖଙ୍କ ସମେତ କେଶରପଲୀ ଗ୍ରାମବାସୀ ସହଯୋଗ କରିଥିଲେ।

# ୫ ଦିନ ପରେ ବି ବିଇଓଙ୍କ ଦେଖାନାହିଁ

## ଫି ଦେଇ ନ ପାରି ପରୀକ୍ଷାରୁ ବଞ୍ଚିତ ଘଟଣା

ଦାରିଙ୍ଗବାଡ଼ି,୭।୩ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ୍ ଶିକ୍ଷା ବିଭାଗ ଅଧୀନରେ ରହିଥିବା ସିମନବାଡ଼ି ପାଦ୍ରୀପିଓ ଇଂରାଜୀ ମିଡିୟମ ବିଦ୍ୟାଳୟରେ ପରୀକ୍ଷାରୁ ବଞ୍ଚିତ ଛାତ୍ରୀଛାତ୍ରଙ୍କ ଘଟଣାକୁ ପାଞ୍ଚ ଦିନ ବିତି ଥିଲେ ବି ସୁଦ୍ଧା ଦାରିଙ୍ଗବାଡ଼ି ବିଇଓ ହାଡ଼ିବନ୍ଧୁ ବେହେରାଙ୍କ ଘଟଣାକୁ ନେଇ କୌଣସି ପଦକ୍ଷେପ ନ ନେବା କିମ୍ବା ଘଟଣା ଘଟିଥିଲେ ମଧ୍ୟ ତଦନ୍ତ ନ କରିବା ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଯାଇଛି। ବିଇଓଙ୍କ କାର୍ଯ୍ୟାଳୟରୁ ମାତ୍ର ୧୨କିମି ଦୂରତାରେ ଉକ୍ତ ବିଦ୍ୟାଳୟ ରହିଥିବା ବେଳେ କେଉଁ ପରିସ୍ଥିତିରେ ଛାତ୍ରୀଛାତ୍ର ବଞ୍ଚିତ ହୋଇଥିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘରୋଇ ଅନୁଷ୍ଠାନକୁ ସରକାରୀସ୍ତରରେ ବିଇଓ ତଦନ୍ତ କରି ଏନ୍‌ଓସି ପ୍ରଦାନ କରିଥାନ୍ତି। ସରକାରଙ୍କ ଗାଇଡଲାଇନକୁ ମାନି ଘରୋଇ ଅନୁଷ୍ଠାନ ଗୁଡ଼ିକ ବିଦ୍ୟାଳୟ ପରିଚାଳନା କରିବା ନିୟମ ସଠିକ ଭାବେ ପାଳନ କରାଯାଉଛି କି ନାହିଁ ତାର ତଦାରଖ କରିବା ବିଇଓଙ୍କ ଦାୟିତ୍ୱ ଥିଲେ ସୁଦ୍ଧା ତାହା ପାଳନ କରାଯାଉ ନ ଥିବା ଅଭିଭାବକ ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି। ତେବେ ଛାତ୍ରୀଛାତ୍ର ପରୀକ୍ଷାରୁ ବଞ୍ଚିତ ହୋଇଥିବା ନେଇ ଅଭିଭାବକ ମାନେ କନ୍ଧମାଳ ଜିଲାପାଳଙ୍କ ସମେତ ଜିଲା ଶିକ୍ଷାଧିକାରୀ, ବିଇଓ, ବ୍ଲକ ଅଧ୍ୟକ୍ଷଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କେବଳ ଖବର ପ୍ରକାଶିତକୁ ନେଇ ରାଜ୍ୟ ଅନୁସୂଚିତ ଜନଜାତି, ଜାତି ବିଭାଗର ସଚିବ ଜିଲା ମଙ୍ଗଳ ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ଦାରିଙ୍ଗବାଡ଼ି ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବୃଶ୍ୱଜିତ ଜାଲି ତଦନ୍ତ କରି ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ଅନେକ ତ୍ରୁଟି ଥିବା ସେ ରିପୋର୍ଟରେ ଦର୍ଶାଇଛନ୍ତି। ଏକାଧିକ ଅଭିଭାବକ ଫି’ଦେଇପାରି ନ ଥିବା ବେଳେ ହାତ ଗଣତି କିଛି ଛାତ୍ରୀଛାତ୍ରଙ୍କୁ ବାର୍ଷିକ ପରୀକ୍ଷାରୁ ବଞ୍ଚିତ କରାଯାଇଛି। ସେହିପରି ବକେୟା ଥିଲେ ପରୀକ୍ଷା ଦେଇପାରିବେନି ବୋଲି କୌଣସି ଅଭିଭାବକଙ୍କ ଠାରୁ ଅଣ୍ଡରଟେକିଂ ଲିଖିତ ରଖାଯାଇ ନ ଥିବା ଭଳି ତ୍ରୁଟିକୁ ସେ ରିପୋର୍ଟରେ ଦର୍ଶାଇଛନ୍ତି। ସେପଟେ ନିଜ ଭୁଲକୁ ସୁଧାରିବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଗୁରୁବାର ତଦନ୍ତ ପରେ ଅଭିଭାବକଙ୍କୁ ବୈଠକ ଡାକିବା ସହ ପରୀକ୍ଷାରୁ ବଞ୍ଚିତ ଛାତ୍ରଙ୍କୁ ଶୁକ୍ରବାର ସୁଯୋଗ ଦେଇଛନ୍ତି। ସୋମବାର ଠାରୁ ଷଷ୍ଠ ଠାରୁ ନବମ ପର୍ଯ୍ୟନ୍ତ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ବାର୍ଷିକ ପରୀକ୍ଷା ଚାଲିଥିବା ବେଳେ ୫ ଦିନ ପରେ ପରୀକ୍ଷାରୁ ବଞ୍ଚିତ ଛାତ୍ରୀଛାତ୍ର ମାନେ ପରୀକ୍ଷା ଦେଇପାରିଥିବା ଅଭିଭାବକ ପ୍ରତାପ ଦିଗାଲ, ଶ୍ୟାମସେନ ଦିଗାଲ କହିଛନ୍ତି। ବିଇଓ ଆସିନଥିବା ନେଇ ବିଇଓ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ସେ ଶୁକ୍ରବାର ତଦନ୍ତ କରିବେ ସେ ସରକାରଙ୍କ ନିୟମ ଉଲଂଘନ କରିଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ଜାତୀୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ଛାତ୍ରୀଙ୍କ ସଫଳତା

# ରାଷ୍ଟ୍ରପତି ପୁରସ୍କାର ପାଇଁ ମନୋନୀତ

ଦିଗପହଣ୍ଡି,୭।୩(ଅଶେଷ ନାଥ ମିଶ୍ର)

ଟାଟା ବିଲଡିଙ୍ଗ ଇଣ୍ଡିଆ ପକ୍ଷରୁ ଆୟୋଜିତ ଦି ରୋଲ ଅଫ ୟୁଥ ଜେନେରେସନ ଟୁ ମେକ୍ ଏ ସ୍ୱଚ୍ଛ ଭାରତ ଶୀର୍ଷକ ଜାତୀୟସ୍ତରୀୟ ଇଂରାଜୀ ପ୍ରବନ୍ଧ ପ୍ରତିଯୋଗିତାରେ ଦିଗପହଣ୍ଡିର ଛାତ୍ରୀ ପ୍ରଜ୍ଞାରାଣୀ ପଣ୍ଡା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏପରିକି ପ୍ରଜ୍ଞାରାଣୀ ରାଷ୍ଟ୍ରପତି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଜଣାପଡିଛି। ଦିଗପହଣ୍ଡି ଏନଏସି ୧ ନଂ ୱାର୍ଡ ଅଞ୍ଚଳ କଲୋନୀ ବାସିନ୍ଦା କାମନା ରଞ୍ଜନ ପଣ୍ଡା ଏବଂ ବନିତା ପାତ୍ରଙ୍କ କନ୍ୟା ପ୍ରଜ୍ଞାରାଣୀ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୦ମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ମାତାପିତା ଓ ବିଦ୍ୟାମନ୍ଦିର ଆଚାର୍ଯ୍ୟା ଆଚାର୍ଯ୍ୟ ପ୍ରେରଣାରେ ପାଠପଢ଼ା ପ୍ରତି ତାଙ୍କର ଆଗ୍ରହ ରହିଥିବା ବେଳେ ସେ ଜଣେ ମେଧାବୀ ଛାତ୍ରୀ ଅଟନ୍ତି। ଛାତ୍ରୀଙ୍କ ଏଭଳି ସଫଳତା ଖବର ଶୁକ୍ରବାର ପ୍ରକାଶ ପାଇବା ପରେ ବିଦ୍ୟାମନ୍ଦିର ସମେତ



ପ୍ରଜ୍ଞାରାଣୀ ପଣ୍ଡା

ସମଗ୍ର ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି। ପ୍ରଜ୍ଞାରାଣୀଙ୍କ ଏହି ସଫଳତା ପାଇଁ ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ଷଷ୍ଠୀ ପ୍ରସାଦ ବିଷୋୟୀ, ଭଗବତୀ ପ୍ରସାଦ ମିଶ୍ରଙ୍କ ସମେତ ପରିଚାଳନା ସମିତି ସଭାପତି ରାମଚନ୍ଦ୍ର ସାହୁ, ସମ୍ପାଦକ ପ୍ରକାଶ ଚନ୍ଦ୍ର ପ୍ରଧାନ, ବିଦ୍ୟାମନ୍ଦିରର ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ ବୃନ୍ଦ ଶୁଭକାମନା ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

